# NATIONAL NEWS BULLETIN (ODIA)

**10 November - 2025**

**Morning Bulletin : 7.15 a.m.**

**********************************

## ମୁଖ୍ୟ ସମ୍ବାଦ

- ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକ ନିଜ ଅଭିଜ୍ଞତାକୁ ପାରସ୍ପରିକ ସହଯୋଗ ମାଧ୍ୟମରେ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦେଲେ ରାଷ୍ଟ୍ରପତି
- ଭୂଟାନକୁ ଆସନ୍ତାକାଲିଠାରୁ ଦୁଇଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ
- ବିହାରର ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ଆସନ୍ତାକାଲି ହେବ ମତଦାନ
- ଭୁବନେଶ୍ୱରରେ ମାଣ୍ଡିଆ ଦିବସ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଆଜି ଯୋଗଦେବେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ

ଏବଂ

- ଫିଡେ ଚେସ୍ ବିଶ୍ୱକପ୍-୨୦୨୫ ପ୍ରତିଯୋଗିତାର ଚତୁର୍ଥ ପର୍ଯ୍ୟାୟକୁ ଭାରତର ୫ ଜଣ ଖେଳାଳି ଉନ୍ନୀତ

## ପ୍ରେସିଡେଣ୍ଟ-ଆଙ୍ଗୋଲା

ଆଫ୍ରିକୀୟ ରାଷ୍ଟ୍ର ଆଙ୍ଗୋଲା ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଲୁଆଣ୍ଡାଠାରେ ଆଙ୍ଗୋଲାର ସଂସଦକୁ ସମ୍ବୋଧନ କରିବେ । ରାଷ୍ଟ୍ରପତି ମୁର୍ମୁ ଗତକାଲି ତାଙ୍କ ଆଙ୍ଗୋଲା ପ୍ରତିପକ୍ଷ ଜୋଆଓ ଲୁରେନ୍ସକୋଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଭାରତ ଏବଂ ଆଙ୍ଗୋଲା ମଧ୍ୟରେ ବହୁମୁଖୀ

ସହଭାଗିତାକୁ ସୁଦୃଢ଼ କରିବା ନେଇ ଦୁଇ ନେତା ବ୍ୟାପକ ଆଲୋଚନା କରିଛନ୍ତି । ଉଭୟ ରାଷ୍ଟ୍ରର ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ କ୍ଷେତ୍ରର ସହଯୋଗ ବିସ୍ତାର କରିବା ଉପରେ ରାଷ୍ଟ୍ରପତି ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି ।

ରାଷ୍ଟ୍ରପତି କହିଛନ୍ତି ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାବରେ ଭାରତ ଆଙ୍ଗୋଲା ସହିତ ସଂସଦୀୟ ସହଯୋଗ ବୃଦ୍ଧି କରିବାକୁ ଆଶା ରଖିଛି । ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକ ନିଜ ଅଭିଜ୍ଞତାକୁ ପାରସ୍ପରିକ ସହଯୋଗ ମାଧ୍ୟମରେ ଗ୍ରହଣ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଭାରତ ଏହାର ସର୍ବୋତ୍ତମ ସଂସଦୀୟ ଅଭ୍ୟାସଗୁଡ଼ିକୁ ଆଙ୍ଗୋଲା ସହ ବାଣ୍ଟିବାକୁ ପ୍ରସ୍ତୁତ ଅଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

ସ୍ଥାୟୀ ବିକାଶ ପ୍ରତି ଆଙ୍ଗୋଲାର ପ୍ରତିବଦ୍ଧତାକୁ ପ୍ରଶଂସା କରି ରାଷ୍ଟ୍ରପତି ମୁର୍ମୁ ଭାରତ ନେତୃତ୍ୱରେ ଦୁଇଟି ପ୍ରମୁଖ ବୈଶ୍ୱିକ ଜୈବ ଇନ୍ଧନ ମେଣ୍ଟ ଏବଂ ଆନ୍ତର୍ଜାତିକ ବିଗ୍‌କ୍ୟାଟ୍ ମେଣ୍ଟରେ ଯୋଗଦାନ କରିଥିବାରୁ ଆଙ୍ଗୋଲାକୁ ଅଭିନନ୍ଦନ ଜଣାଇଛନ୍ତି ।

**V/O (Prez-IBCA-GBA)**

ଉଭୟ ଦେଶ ମଧ୍ୟରେ ମତ୍ସ୍ୟ ଚାଷ, ଜଳ କୃଷି, ସାମୁଦ୍ରିକ ସମ୍ପଦ ଏବଂ ଦୁତାବାସ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବିମାନ ସେବା ଚୁକ୍ତିନାମାକୁ ଆଗକୁ ବଢ଼ାଇବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି ।

ରାଷ୍ଟ୍ରପତି ମୁର୍ମୁ ଆଙ୍ଗୋଲାରେ ପ୍ରବାସୀ ଭାରତୀୟଙ୍କ ସହ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ସେଠାରେ ପ୍ରାୟ ୮ ହଜାର ପ୍ରବାସୀ ଭାରତୀୟ

ବସବାସ କରନ୍ତି । ପ୍ରାୟ ୨୦୦ ଭାରତୀୟ କମ୍ପାନୀ ଆଙ୍ଗୋଲାରେ କାର୍ଯ୍ୟ କରୁଛନ୍ତି ବୋଲି ଜଣାପଡ଼ିଛି ।

## ପି.ଏମ୍. - ଭୁଟାନ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଭୁଟାନ୍‌କୁ ଦୁଇ ଦିନିଆ ଗସ୍ତରେ ଯିବେ । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ଓ ଭୁଟାନ୍‌ର ରାଜା ଜିଗ୍‌ମେ ଖେସାର୍ ୱାଙ୍ଗ୍‌ଚୁକ୍ ୧ ହଜାର ୨୦ ମେଗାୱାଟ୍ ବିଶିଷ୍ଟ ପୁନତ୍‌ସାଞ୍ଚୁ ଦ୍ୱିତୀୟ ଜଳ ବିଦ୍ୟୁତ୍ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହି ପ୍ରକଳ୍ପ ଉଭୟ ଭାରତ ଏବଂ ଭୁଟାନ୍ ଦ୍ୱାରା ମିଳିତ ଭାବେ ବିକଶିତ କରାଯାଇଛି । ଭୁଟାନର ଚତୁର୍ଥ ରାଜା ଜିଗ୍‌ମେ ସିଙ୍ଗେ ୱାଙ୍ଗ୍‌ଚୁକ୍‌ଙ୍କ ୭୦ତମ ଜନ୍ମ ବାର୍ଷିକୀ ସମାରୋହରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ବିଶ୍ୱଶାନ୍ତି ପ୍ରାର୍ଥନା ମହୋତ୍ସବରେ ଅଂଶଗ୍ରହଣ କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ମଜବୁତ୍ କରିବା ନେଇ ମାର୍ଗ ଉନ୍ମୁକ୍ତ କରିବ । ଗସ୍ତ ଅବସରରେ ବିଭିନ୍ନ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ମତ ବିନିମୟ ହେବାର ଆଶା କରାଯାଉଛି ।

## ବିହାର-ପୋଲ୍‌ସ

ବିହାରର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତାକାଲି ୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ମତ ଗ୍ରହଣ କରାଯିବ । ୩ କୋଟି ୭୦ଲକ୍ଷରୁ ଅଧିକ ମତଦାତା ୧ହଜାର ୩୦୨ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଣ୍ଣୟ କରିବେ । ସେମାନଙ୍କ ମଧ୍ୟରେ ୧୩୬ ଜଣ ମହିଳା ପ୍ରାର୍ଥୀ ଅଛନ୍ତି। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା

ପର୍ଯ୍ୟନ୍ତ ଚାଲିବ । ତେବେ ସୁରକ୍ଷାଗତ କାରଣରୁ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟ୍ ଗ୍ରହଣ ସନ୍ଧ୍ୟା ୫ଟାରେ ଶେଷ ହେବ ବୋଲି ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି । ଏହି ପର୍ଯ୍ୟାୟ ପାଇଁ ଗତ ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଗତ ୬ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୮ଟି ଜିଲ୍ଲାର ୧୨୧ଟି ଆସନ ପାଇଁ ମତ ଗ୍ରହଣ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ପାଖାପାଖି ୬୫ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି । ଆସନ୍ତା ୧୪ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

## ବାଇ-ଇଲେକ୍ସନ

୭ଟି ରାଜ୍ୟର ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଧ୍ୟ ଆସନ୍ତାକାଲି ଉପନିର୍ବାଚନ ନିମନ୍ତେ ମତ ଗ୍ରହଣ କରାଯିବ। ସେଗୁଡ଼ିକ ମଧ୍ୟରେ ଜାମ୍ମୁକାଶ୍ମୀରର ବୋଡ଼ଗୋଓଁ ଏବଂ ନାଗ୍ରୋଟା, ରାଜସ୍ଥାନାର ଆଣ୍ଟା, ଝଡ଼ଖଣ୍ଡର ଘଟଶୀଳ, ତେଲଙ୍ଗାନାର ଜୁବୁଲି ହିଲ୍ସ, ପଞ୍ଜାବର ତର୍ନତରନ୍, ମିଜୋରାମର ଡମ୍ପା ଏବଂ ଓଡ଼ିଶାର ନୂଆପଡ଼ା ଅନ୍ତର୍ଭୁକ୍ତ । ଆସନ୍ତା ୧୪ ତାରିଖରେ ଏହି ଉପନିର୍ବାଚନର ଭୋଟ୍ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

## ଶିବରାଜ- ଓଡ଼ିଶା ଭିଜିଟ୍

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି। କୃଷକଙ୍କ ଆୟବୃଦ୍ଧି, ପୋଷଣ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ପ୍ରାକୃତିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଶ୍ରୀ ଚୌହାନ ଯୋଗଦେବେ। କୃଷି

ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ  କହିଛି, ଶ୍ରୀ ଚୌହ୍ୱାନ ମାଣ୍ଡିଆ ଦିବସ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଯୋଗଦେବେ।

ଗସ୍ତ ଅବସରରେ ଶ୍ରୀଚୌହାନ ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରେ ମିଲେଟ ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ରର ପଦକ୍ଷେପ ଉପରେ ଆଲୋକପାତ କରିବେ। ଶ୍ରୀଚୌହାନ କଟକର ସଦର ଅଞ୍ଚଳ ପରିଦର୍ଶନ କରି  କୃଷକମାନଙ୍କ ସହ ଭାବ ବିନିମୟ କରିବେ। କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ– ଆଇସିଏଆର ଠାରେ ଗୁରୁତ୍ୱପୂର୍ଣ୍ଣ ଜାତୀୟ କୃଷି ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ନେଇ ଆୟୋଜିତ ଏକ ବୈଠକରେ ଶ୍ରୀ ଚୌହାନ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି ।

# ଜିଏସଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗତ ସେପ୍ଟେମ୍ବର ୨୨ ତାରିଖରେ ଘୋଷିତ ଜିଏସଟି ସଂଚୟ ଉତ୍ସବ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସୁଫଳ ପ୍ରଦାନ କରୁଛି ।

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଷ୍ଟେସନାରୀ ଉତ୍ପାଦ ଉପରେ ଟିକସ ହ୍ରାସ’ ସାଧାରଣ ଲୋକ ଏବଂ ଛାତ୍ରଛାତ୍ରୀମାନଙ୍କୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛି। ସଂଶୋଧିତ ଟିକସ ଢାଂଚା ଅଧୀନରେ, ନୋଟ୍‌ବୁକ୍, ଗ୍ରାଫ୍ ବୁକ୍, ଶାର୍ପେନର୍, ଇରେଜର ଏବଂ ପେନସିଲ୍ ଭଳି ସାମଗ୍ରୀଗୁଡ଼ିକୁ ସଂପୂର୍ଣ୍ଣ ଟିକସମୁକ୍ତ କରାଯାଇଛି। ଏହି ଟିକସ ଛାଡ଼ ଯୋଗୁଁ ଛତ୍ରଛାତ୍ରୀମାନେ ସୁଲଭ ମୂଲ୍ୟରେ ବିଭିନ୍ନ ସାମଗ୍ରୀ କ୍ରୟ କରିପାରୁଛନ୍ତି ।  ସେହିପରି  ଜ୍ୟାମିତି ବାକ୍ସ ଏବଂ ଗାଣିତିକ ଉପକରଣ ସେଟ୍ ଭଳି ଶିକ୍ଷା ସାମଗ୍ରୀ ଉପରେ ଟିକସ ହାର ୧୨ ପ୍ରତିଶତରୁ ୫ ପ୍ରତିଶତ ହ୍ରାସ କରାଯାଇଛି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ବାୟୁ ପ୍ରଦୂଷଣ ବିରୁଦ୍ଧରେ ଲଢ଼େଇ, ସୁରକ୍ଷିତ ଏବଂ ସୁସ୍ଥ ରହିବା ପାଇଁ ପଦକ୍ଷେପ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ଏମ୍ସର ପୂର୍ବତନ ମୁଖ୍ୟ ଚିକିତ୍ସା ବିଶେଷଜ୍ଞ ଡାକ୍ତର ଏସ୍.କେ ଶର୍ମା ଏବଂ ପଲ୍ମୋନୋଜିଷ୍ଟ ଡାକ୍ତର ସୌରଭ ମିତ୍ତଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ ।

# ବନ୍ଦେ ଭାରତ

ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଦେଶବ୍ୟାପୀ ପାଳନ କରାଯାଉଛି । ଭାରତୀୟଙ୍କୁ ଏକତ୍ରିତ କରିବା ଏବଂ ଦେଶପ୍ରୀତିର ଭାବନାକୁ ଉଦ୍ରେକ କରିବାରେ ଏହି ଗୀତ ପ୍ରେରଣା ଦେଇଆସିଛି । ସ୍ୱାଧୀନତା ସଂଗ୍ରାମ ବେଳେ ବନ୍ଦେ ମାତରମ୍‌ର ଆହ୍ୱାନ କେବଳ ଭାରତରେ ସୀମାବଦ୍ଧ ନ ହୋଇ ବିଦେଶରେ ରହୁଥିବା ଭାରତୀୟଙ୍କ ମଧ୍ୟରେ ଦେଶପ୍ରୀତି ଜାଗ୍ରତ କରିଥିଲା । ୧୯୦୭ ମସିହା ଅଗଷ୍ଟ ୨୨ ତାରିଖରେ ସ୍ୱାଧୀନତା ସଂଗ୍ରାମୀ ମାଡାମ୍ ଭିକାଜୀ କାମା ଜର୍ମାନୀର ଷ୍ଟୁଟ୍‌ଗାର୍ଟରେ ପ୍ରଥମ ଭାରତୀୟ ତ୍ରିରଙ୍ଗା

ପତାକା ଉତ୍ତୋଳନ କରିଥିଲେ । ତାଙ୍କର ଏହି ପଦକ୍ଷେପ ଦେଶର ସ୍ୱାଧୀନତା ଆନ୍ଦୋଳନ ପ୍ରତି ଆନ୍ତର୍ଜାତିକ ଦୃଷ୍ଟିକୋଣକୁ ଅଧିକ ବ୍ୟାପକ କରିଥିଲା । ମାଡାମ କାମା ଏବଂ ଶ୍ୟାମଜୀ କୃଷ୍ଣ ବର୍ମାଙ୍କ ଦ୍ୱାରା ପ୍ରସ୍ତୁତ ଏହି ତ୍ରିରଙ୍ଗା ପତାକାରେ ବନ୍ଦେ ମାତରମ୍ ଶବ୍ଦ ଉଲ୍ଲେଖ କରାଯାଇଥିଲା, ଯାହାକି ଭାରତର ଅଖଣ୍ଡ ଆତ୍ମା ଏବଂ ସ୍ୱାଧୀନତା ପାଇଁ ଆହ୍ୱାନର ପ୍ରତୀକ ଥିଲା । ଏହାର ୨ ବର୍ଷ ପରେ ୧୯୦୯ ମସିହାରେ ବିପ୍ଳବୀ ମଦନଲାଲ ଧୀଙ୍ଗ୍ରା ବ୍ରିଟିଶ ଶାସନକୁ ଅବମାନନା କରିବା ଅଭିଯୋଗରେ ଲଣ୍ଡନରେ ଫାଶୀଖୁଣ୍ଟରେ ଝୁଲିଥିଲେ । ମୃତ୍ୟୁ ପୂର୍ବରୁ ତାଙ୍କର ଶେଷ ଶବ୍ଦ ଥିଲା ବନ୍ଦେ ମାତରମ୍ ।

ସେହିବର୍ଷ ପ୍ୟାରିସ୍‌ରେ ବସବାସ କରୁଥିବା ଭାରତୀୟଙ୍କ ପକ୍ଷରୁ ଜେନେଭାରେ ବନ୍ଦେମାତରମ୍ ନାମକ ଏକ ପତ୍ରିକାର ପ୍ରକାଶନ ଆରମ୍ଭ ହୋଇଥିଲା । ଏହା ମାଧ୍ୟମରେ ସମଗ୍ର ବିଶ୍ୱରେ ଭାରତର ସ୍ୱାଧୀନତା ଏବଂ ଏକତାର ବାର୍ତ୍ତା ପ୍ରଚାର ପ୍ରସାର ଅଧିକ ବ୍ୟାପକ ହୋଇଥିଲା । ୧୯୧୨ ଅକ୍ଟୋବର ମାସରେ ଗୋପାଳକୃଷ୍ଣ ଗୋଖଲେ ଦକ୍ଷିଣ ଆଫ୍ରିକାର କେପ୍ ଟାଉନ୍‌ରେ ପହଞ୍ଚିଥିଲେ । ସେଠାରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ୟୁରୋପରୁ ଆଫ୍ରିକା ପର୍ଯ୍ୟନ୍ତ ବନ୍ଦେ ମାତରମ୍ ଭାରତର ସ୍ୱାଧୀନତା ସଂଗ୍ରାମର ହୃଦ୍‌ସ୍ପନ୍ଦନ ହୋଇଥିଲା ।

## ଫିଡେ ଚେସ୍

ଗୋଆର ପଣଜୀ ଠାରେ ଚାଲିଥିବା ଫିଡେ ଚେସ୍ ବିଶ୍ୱକପ୍-୨୦୨୫ ପ୍ରତିଯୋଗିତାର ଚତୁର୍ଥ  ପର୍ଯ୍ୟାୟକୁ ଭାରତୀୟ ଗ୍ରାଣ୍ଡ ମାଷ୍ଟର କାର୍ତ୍ତିକ ଭେଙ୍କଟ ରମଣ ଉନ୍ନୀତ ହୋଇଛନ୍ତି ।  ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଗତକାଲି ଟାଇବ୍ରେକର ଜରିଆରେ ଶ୍ରୀ ଭେଙ୍କଟରମଣ ରୋମାନିଆ ପ୍ରତିପକ୍ଷ ବୋଗଡାନ

ଡାନିଏଲ୍ ଡିକ୍‌ଙ୍କୁ ପରାସ୍ତ କରିଥିଲେ । ଚତୁର୍ଥ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ଅନ୍ୟ ଭାରତୀୟ ଖେଳାଳିମାନେ ହେଲେ ଅର୍ଜୁନ ଏରିଗାଇସି, ଆର୍. ପ୍ରଜ୍ଞାନାନନ୍ଦ, ଆର୍. ହରିକ୍ରିଷ୍ଣ ଏବଂ ବିଶ୍ୱ ଜୁନିୟର୍ ଚାମ୍ପିୟାନ୍ ଭି. ପ୍ରଣବ ।

ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ୨୦୬ ଜଣ ଭାରତୀୟ ଚେସ୍ ଖେଳାଳିଙ୍କ ମଧ୍ୟରୁ ଏବେ ଏହି ୫ ଜଣ ଖେଳାଳି ଟାଇଟଲ୍ ଦୌଡ଼ରେ ରହିଛନ୍ତି ।